॥ ଓମ୍ ॥

# ପାଦ୍ରୀ ପଳେଇ ଗଲା



ଲେଖକ :-

ଓମ୍ ପ୍ରକାଶ ତ୍ୟାଗୀ

ଅନୁବାଦକ :-

ଚତୁର୍ଥ ସଂସ୍କରଣ ୨୦୧୦

ହୋଇଯାଆନ୍ତି ବା ଏମାନଙ୍କ କବରରେ ବର୍ଷାଦିନେ ପାଣି ପଶିଯାଏ ତେବେ ଏମାନେ କବରରୁ ଉଠି ଗାଁକୁ ଚାଲି ଆସନ୍ତି ଏବଂ ଲୋକଙ୍କୁ ହଇରାଣ କରିଥାନ୍ତି । ପାଦ୍ରୀ ମହାଶୟ ! ଶୁଣନ୍ତୁ ! ଭୂତ ପ୍ରେତ କିଛି ନାହିଁ, ଏ ଆପଣଙ୍କ ଅନ୍ଧବିଶ୍ୱାସ । ଏହି ଅନ୍ଧବିଶ୍ୱାସ ଠାରୁ ରକ୍ଷା ପାଇବାକୁ ହେଲେ ସମଗ୍ର ବିଶ୍ୱରେ ଖ୍ରୀଷ୍ଟିୟାନ୍‌ମାନେ ଆର୍ଯ୍ୟ (ହିନ୍ଦୁ) ହୋଇଯିବା ଉଚିତ୍ । ଏହା ହିଁ ହେଉଛି ମୁକ୍ତିର ମାର୍ଗ ।

ପାଦ୍ରୀ :- ମରିବା ପରେ ଖ୍ରୀଷ୍ଟିୟାନ୍ ଭୂତ ପ୍ରେତ ହୁଅନ୍ତି, ଆର୍ଯ୍ୟ (ହିନ୍ଦୁ) ମାନେ ହୁଅନ୍ତି ନାହିଁ, ଏହାର ପ୍ରମାଣ କିଛି ଅଛି କି ?

ରୋହନ୍ :- ପାଦ୍ରୀ ମହାଶୟ ! ଆମର ଆର୍ଯ୍ୟ (ହିନ୍ଦୁ) ଧର୍ମ ପୂନର୍ଜନ୍ମକୁ ବିଶ୍ୱାସ କରେ । ମୃତ୍ୟୁ ପରେ ମନୁଷ୍ୟ ସଙ୍ଗେ ସଙ୍ଗେ ଅନ୍ୟ ଜନ୍ମ ଧାରଣ କରିନିଏ କିନ୍ତୁ ଆପଣଙ୍କ ଧର୍ମାନୁସାରେ ଖ୍ରୀଷ୍ଟିୟାନ୍ ମରିଯିବାପରେ ନ୍ୟାୟର ଦିନ ପର୍ଯ୍ୟନ୍ତ କବର ମଧ୍ୟରେ ହିଁ ରହିବାକୁ ହୁଏ । ଏଥିରୁ ପ୍ରମାଣିତ ହେଉଛି ଯେ, ଖ୍ରୀଷ୍ଟିୟାନ୍ ଲୋକମାନେ ହିଁ ଭୂତ ପ୍ରେତ ହୋଇଥାନ୍ତି ।

ପାଦ୍ରୀ :- ତୁମ୍ଭେ ଦୁହେଁ ସଇତାନ ଅଟ, ଆମ୍ଭର ସମସ୍ତ କଥାକୁ ଖଣ୍ଡନ କରି ଦେଉଛ ।

ବିରସା :- ପାଦ୍ରୀ ମହୋଦୟ ! ଆମେ ଶୁଣୁଛୁ ଯେ ଆପଣମାନେ ଆମର ଗରିବ ଓ ଅଶିକ୍ଷିତ ଲୋକଙ୍କୁ ଘିଅ ଓ ଦୁଧର ଡ଼ବା ବାଣ୍ଟି ପ୍ରଲୋଭନ ଦେଖାଇ ଖ୍ରୀଷ୍ଟିୟାନ୍ କରନ୍ତି , ପରେ ମିଶନ ନାମରେ ତାଙ୍କଠାରୁ ଚାନ୍ଦା ଆଦାୟ କରନ୍ତି, ତାଙ୍କଠାରୁ ଗୀର୍ଜା ଘରେ ମୁଷ୍ଟିଭିକ୍ଷା ନିଅନ୍ତି , ତାଙ୍କର ରୀତିନିୟମ, ପର୍ବପର୍ବାଣି ପରିବର୍ତ୍ତନ କରିଦିଅନ୍ତି, ତାଙ୍କର କନ୍ୟାମାନଙ୍କୁ ବିବାହ ସଂପର୍କୀୟ ଶିକ୍ଷା ଦେବା ପାଇଁ ନିଜ ପାଖକୁ ଡାକନ୍ତି, ସେମାନଙ୍କୁ ପ୍ରତି ରବିବାର ଦିନ ଗୀର୍ଜା ଘରକୁ ଯିବା ପାଇଁ ବାଧ୍ୟ କରନ୍ତି ଏବଂ ଯିଏ ନଯାଏ ତାକୁ ଦଣ୍ଡିତ କରନ୍ତି । ଜାତି ଗୋତ୍ରକୁ ଧ୍ୟାନ ନଦେଇ ସେମାନଙ୍କ ନବ-ଯୁବକ ନବ-ଯୁବତୀଙ୍କୁ ବିବାହ କରାନ୍ତି । ଯଦି ଏ କଥା ସତ୍ୟ,

ତେବେଆପଣ ସେବା କରିବା ପରିବର୍ତ୍ତେ ବହୁତ ବଡ଼ ପାପ କରୁଛନ୍ତି । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ କାନ୍ଧ ଉପରୁ ଦାସତ୍ୱର ଭାର ନ ଓହ୍ଲାଉଣୁ ଆପଣମାନେ ଦାସତ୍ୱର ତରବାରି ଆମବେକ ଉପରେ ଲଟକାଇ ଦେଇଛନ୍ତି । ଆପଣ ଜାଣିବା ଉଚିତ ଯେ ଆମେ ବନବାସୀ ଦେଖିବାକୁ ସଂପୂର୍ଣ୍ଣ କଳା, ଗରିବ ଓ ବଡ଼ ଅଶିକ୍ଷିତ କିନ୍ତୁ ଆମେ ଚରିତ୍ରବାନ୍ ଓ ସ୍ୱାଧୀନତା ପ୍ରିୟ ଅଟୁଁ । ଆମେ କାହାର ଦାସତ୍ୱ ହୋଇ ରହିବା ପାପ ବୋଲି ଭାବୁ । ଆମ୍ଭକୁ ଆମ୍ଭର ଆର୍ଯ୍ୟ (ହିନ୍ଦୁ) ଧର୍ମ ଏଇଥିପାଇଁ ଅତିପ୍ରିୟ କାରଣ ଏଥିରେ ଆମ ଉପରେ କୌଣସି ପ୍ରକାର ଦାସତ୍ୱ ନାହିଁ । ଆଉ ନିଜର ଧର୍ମକୁ ଇଚ୍ଛା ଅନୁସାରେ ମାନିବାରେ ସଂପୂର୍ଣ୍ଣ ସ୍ୱାଧୀନ ଅଟୁ । ଆମେ ଚାହୁଁ ତ ମନ୍ଦିର ଯାଇ ଭଗବାନଙ୍କର ପ୍ରାର୍ଥନା କରିପାରୁ ବା ଘରେ ବସି ମଧ୍ୟ ଭଗବାନର ଉପାସନା କରିପାରୁ । ଆମର ଭଗବାନ୍ ଯୀଶୁଙ୍କ ଭଳି ଗୀର୍ଜା ଘରେ ରହନ୍ତି ନାହିଁ ବରଂ ସେ ସବୁଠାରେ ରହନ୍ତି

ପାଦ୍ରୀ ମହାଶୟ ! ଆମ୍ଭେ ଆପଣଙ୍କ ଧର୍ମକୁ ଖରାପ କହୁନାହୁଁ ; ବରଂ ଆମର ଦେଶ କଳା, ଅବସ୍ଥାନୁସାରେ ଆମର ଦେଶୀୟ ଧର୍ମ ଏବଂ ସଭ୍ୟତା ହିଁ ଆମର ଅନୁକୂଳ ଅଟେ । କୌଣସି ବିଦେଶୀ ଧର୍ମ ଏବଂ ସଭ୍ୟତା ଆମର ଅନୁକୂଳ ନୁହେଁ । ଅପର ପକ୍ଷରେ ଯେତେବେଳେ ଆମ ଧର୍ମରେ ସଂସାରର ସମସ୍ତ ଶ୍ରେଷ୍ଠ ତତ୍ତ୍ୱ ସମାବେଶ ହୋଇଛି ତେବେ ଆମେ ଅନ୍ୟ ବିଦେଶୀ ଧର୍ମକୁ କିପରି ନିଜର କରିନେବୁ ।

**ପାଦ୍ରୀ :-** ଯଦି ଆପଣ ଯୀଶୁଙ୍କ ଶରଣ ନେବେ ନାହିଁ ତେବେ ଆପଣଙ୍କୁ ଆମ୍ଭେ ଘିଅ, ଦୁଧର ଡ଼ବା ଦେବୁନାହିଁ ଆପଣଙ୍କୁ ଆମ୍ଭର ବ୍ୟାଙ୍କରୁ ଟଙ୍କା ପଇସା ଋଣ ଦେବୁ ନାହିଁ ତା ସଙ୍ଗେ ସଙ୍ଗେ ସ୍କୁଲ୍ କିମ୍ବା ହାସ୍‌ପାତାଳ ଦ୍ୱାରା ଆପଣମାନେ ଉପକୃତ ହୋଇପାରିବେ ନାହିଁ ।

**ବିରସା :-** ପାଦ୍ରୀ ମହାଶୟ ! ଆପଣ ଆମ୍ଭଭଳି ଆର୍ଯ୍ୟ (ହିନ୍ଦୁ) ମାନଙ୍କୁ ଚିହ୍ନିପାରି

ନାହାନ୍ତି । ଆମ୍ଭେମାନେ ସୁନା, ରୁପା, କୋଠାବାଡ଼ି ବା ଦୋକାନକୁ ଧର୍ମ ଆଗରେ ତୁଛ ବୋଲି ଭାବୁ । ଆମ୍ଭେ ଯୋଦ୍ଧାଲୋକ । ମହାରାଜା ରାଣାପ୍ରତାପଙ୍କ ସହ ମିଶି ଆମ୍ଭର ପୂର୍ବପୁରୁଷ ଘରଦ୍ୱାର ଛାଡ଼ି ଲଢୁଥିଲେ ଓ ଘାସଖାଇ ବଞ୍ଚୁଥିଲେ କିନ୍ତୁ ଆକବରଙ୍କ ପ୍ରଲୋଭନରେ ବା ତଲୱାରର ସମ୍ମୁଖରେ ଶିର ନୁଆଁଇ ନଥିଲେ କିମ୍ବା ନିଜ ପୂର୍ବପୁରୁଷଙ୍କ ଧର୍ମକୁ ଛାଡ଼ି ନଥିଲେ ।

ପାଦ୍ରୀ :- ଦେଖ ! ତୁମ୍ଭର ଧର୍ମର ଛୁଆଁ ଅଛୁଆଁ ନାମରେ ତୁମ୍ଭଙ୍କୁ ଅଛୁଆଁ କରିଥାନ୍ତି । ତୁମ୍ଭ ହାତରୁ ପାଣି ପିଅନ୍ତି ନାହିଁ କି ଖାଦ୍ୟ ଖାଆନ୍ତି ନାହିଁ । ଏପରି ଧର୍ମରେ ରହି କି ଲାଭ ? ଯଦି ତୁମ୍ଭେ ଖ୍ରୀଷ୍ଟିୟାନ୍ ହୋଇଯାଅ ତେବେ ତୁମ୍ଭକୁ କେହି ଅଛୁଆଁ ବୋଲି କହିବେ ନାହିଁ । ତୁମ୍ଭ ସମସ୍ତଙ୍କ ସହ ମିଳାମିଶା କରି ପାରିବ ।"

ବିରସା :- ପାଦ୍ରୀ ମହାଶୟ ! ଏ ସମାଜିକ କୁ-ସଂସ୍କାର ସବୁଧର୍ମରେ ରହିଛି, କିନ୍ତୁ ଆମ ସରକାର ବର୍ତ୍ତମାନ ଛୁଆଁ ଅଛୁଆଁ ନିରାକରଣ ପାଇଁ ଆଇନ୍ ପ୍ରଣୟନ କରିଛନ୍ତି । କେହି ଯଦି ଏହାକୁ ବିରୋଧ କରେ , ତାକୁ ଦଣ୍ଡ ଦିଆଯିବ ବୋଲି ଘୋଷଣା ଧମ୍ୟ କରିଛନ୍ତି । ଏହା ଛଡ଼ା ଆମ ଦେଶର ଆର୍ଯ୍ୟସମାଜ ଭଳି ସଂସ୍ଥା ଗତ ୨୦୦ବର୍ଷ ଧରି ସାମାଜିକ କୁ-ସଂସ୍କାରର ମୂଳୋତ୍ପାଟନ କରିବା ପାଇଁ ଯତ୍ନ କରି ଆସିଛି । କିନ୍ତୁ ଆପଣ ଟିକିଏ ନିଜ ଆଡ଼କୁ ଦେଖନ୍ତୁ । ଆପଣଙ୍କ ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନେ ୟୁରୋପ, ଆମେରିକା ଏବଂ ଆଫ୍ରିକାରେ କଳା ଲୋକଙ୍କ ସହ କି ପ୍ରକାର ବ୍ୟବହାର କରୁଛନ୍ତି ? ଏକଥା ସତ୍ୟ ନୁହେଁ କି ସେଠାରେ ଗୋରା ଖ୍ରୀଷ୍ଟିୟାନ୍ ଲୋକ କଳା ଲୋକଙ୍କ ସହ ବସିବା, ଉଠିବା, ଚାଲିବା, ପଢ଼ିବା ଏବଂ ବିବାହ ଆଦି କରିବାକୁ ଘୃଣା କରନ୍ତି ଓ କଳା ଲୋକମାନେ ଏହି ଖ୍ରୀଷ୍ଟିୟାନ୍ଙ୍କର ଅତ୍ୟାଚାରର ବିରୋଧ କଲେ ସେମାନେ ତାଙ୍କୁ ଦରମରା କରି ଦିଅନ୍ତି ।

(ବିରସାର କଥା ଶୁଣି ପାଦ୍ରୀ ଲଜ୍ଜିତ ହୋଇଗଲା)

ରୋହନ୍ :- ପାଦ୍ରୀ ମହାଶୟ ! ଏ କଥା କ'ଣ ସତ୍ୟ ନୁହେଁ ଯେ ଆମର ନିଜ

ଧର୍ମ ଓ ସଂସ୍କୃତିକୁ ଛାଡ଼ି ଖ୍ରୀଷ୍ଟିୟାନ୍ ହେଲେ ଆମକୁ ଓ ଆମର ପୁଅଝିଅକୁ ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ସୁଯୋଗରୁ ବଞ୍ଚିତ ହେବାକୁ ପଡ଼ିବ । ଏହା ଯଦି ସତ୍ୟ ତେବେ ଆମେ ଦୁଇ ଚାରୋଟି ଘିଅ, ଦୁଧର ଡ଼ବା ନେଇ ଏତେ ବଡ଼ ଲାଭକୁ ଆମେ କାହିଁକି ଗୋଡ଼ରେ ଆଡ଼େଇ ଦେବୁ ?

ପାଦ୍ରୀ :- ତୁମ ସରକାର କେବେ ସାହାଯ୍ୟ କରିବ, ତା କହିବେ ନାହିଁ କିନ୍ତୁ ଆମ୍ଭେ ବର୍ତ୍ତମାନ ସାହାଯ୍ୟ କରୁଛୁ ।

ରୋହନ୍ :- ପାଦ୍ରୀ ମହାଶୟ ! ଆମେ ହଜାର ବର୍ଷରୁ ଏହି ଜଙ୍ଗଲରେ ଲଙ୍ଗଳା ହୋଇ ଓ ଭୋକରେ ରହି ଆସୁଛୁ ଏବଂ ଏହାର ମୂଳସ୍ରୋତ ହୋଇ ଆସିଅଛୁ । ଏଣୁ ଆମକୁ ଯଦି ଆଉ କିଛି ଦିନ ନିଜକୁ ରକ୍ଷା କରିବା ପାଇଁ ଏପରି ରହିବାକୁ ପଡ଼େ ତେବେ ଆମେ ଆନନ୍ଦରେ ରହିବୁ କିନ୍ତୁ ଏହି ସାମାନ୍ୟ ପ୍ରଲୋଭନରେ ପଡ଼ି ଆମେ ନିଜର ଓ ନିଜ ପରିବାରର ଧର୍ମକୁ ତଳିତଳାନ୍ତ କରିବାକୁ ଦେବୁ ନାହିଁ ।

ପାଦ୍ରୀ ତୁମ୍ଭେ ଆମ କଥା ବୁଝିପାରୁନାହଁ, ଆମ୍ଭେ ତୁମ୍ଭମାନଙ୍କ ପଢ଼ା ଲେଖା ଶିଖାଇ ମଣିଷ କରି ଦେବୁ ।

ବିରସା :- ପାଦ୍ରୀ ମହାଶୟ ! ଆପଣ ବୋଧେ ଜାଣିନଥିବେ ଯେ, ସରକାର ଆମ ପାଇଁ ବାଧ୍ୟତାମୂଳକ ଶିକ୍ଷାବ୍ୟବସ୍ଥା କରିଛନ୍ତି । ତେଣୁ ସରକାର ଆମପାଇଁ ସ୍କୁଲ୍ ଖୋଲୁଛନ୍ତି । ତେଣୁ ଏପରି ପ୍ରଲୋଭନରେ ଆମେ କଦାପି ପ୍ରଭାବିତ ହେବୁ ନାହିଁ ।

ପାଦ୍ରୀ :- ଖ୍ରୀଷ୍ଟିୟାନ୍ ହୋଇଗଲେ ତୁମ୍ଭମାନଙ୍କର କଲ୍ୟାଣ ହେବ ।

ରୋହନ୍ :- ଆମ୍ଭର କଲ୍ୟାଣ ହେଉ ବା ବିନାଶ ହେଉ ! ଯେତେବେଳେ 'ଆପଣ' ଆମର ଧର୍ମ ସଂସ୍କୃତି ସଭ୍ୟତାକୁ ନଷ୍ଟ କରିବାରେ ଲାଗିଛନ୍ତି ଏବଂ ଆମକୁ ସଂଖ୍ୟାଗରିଷ୍ଠ ଆର୍ଯ୍ୟ ଜାତିରୁ ନେଇ ବିଦେଶୀ ଧର୍ମ, ସଂସ୍କୃତି ଓ ସଭ୍ୟତାକୁ ମାନୁଥିବା ସଂଖ୍ୟାଲଘୁ ସଂପ୍ରଦାୟରେ ପରିଣତ କରାଇ ଦେବେ ତେବେ ଆମର କଲ୍ୟାଣ

କିରପି ହେବ ?

**ପାଦ୍ରୀ :-** ଭାଇ, ଜଣାପଡୁଛି, ଆର୍ଯ୍ୟ ସମାଜୀମାନେ ତୁମ୍ଭର ମୁଣ୍ଡକୁ ବିଗାଡ଼ି ଦେଇଛନ୍ତି । ସେମାନେ ତୁମ୍ଭମାନଙ୍କ କଲ୍ୟାଣ କରାଇ ଦେବେ ନାହିଁ ।

**ବିରସା :-** ପାଦ୍ରୀ ମହାଶୟ ! ଆମର ସୌଭାଗ୍ୟ ଯେ ଆର୍ଯ୍ୟ ସମାଜର ସଂସ୍ଥାପକ ମହର୍ଷି ଦୟାନନ୍ଦଙ୍କର ବିଚାର ଧାରା ଆମର ଆଖି ଖୋଲି ଦେଇଛି । ତେଣୁ ବର୍ତ୍ତମାନ ଆପଣ ଜଙ୍ଗଲରେ ବସବାସ କରୁଥିବା ଆମର ଗରିବ, ସରଳ ଅଶିକ୍ଷିତ ଭାଇଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କର ଧର୍ମକୁ ନଷ୍ଟ କରିଦେଇ ପାରିବେ ନାହିଁ କିମ୍ବା ଆମ ଦେଶ ବିରୁଦ୍ଧରେ ଏଠାରେ ବିଦେଶୀଙ୍କ ଷଡଯନ୍ତ୍ର ସୃଷ୍ଟି କରିପାରିବେ ନାହିଁ । ଆପଣ ଭାରତକୁ ସେବା କରିବାକୁ ଆସିଛନ୍ତି ନା ଇଂଲଣ୍ଡ , ଆମେରିକା ପ୍ରଭୃତି ଦେଶରୁ ଆଣୁଥିବା କୋଟି କୋଟି ଟଙ୍କା ବଳରେ ଆମକୁ କ୍ରୟ କରିବାକୁ ଆସିଛନ୍ତି । ନା ଏଠାରେ ଖ୍ରୀଷ୍ଟିୟନ୍ ଗଠନ କରିବାକୁ ଆସିଛନ୍ତି । ଆପଣମାନଙ୍କ ଦ୍ୱାରା ଗଠିତ ଖ୍ରୀଷ୍ଟିୟାନ୍ଙ୍କ ସ୍ୱାଧୀନ ନାଗାଲେଣ୍ଡ୍ ଓ ଝାଡ଼ଖଣ୍ଡ ଅଞ୍ଚଳ ଏହି ମତର ସ୍ପଷ୍ଟ ପ୍ରମାଣ ଦେଉଛି । ଏଣୁ ଆପଣ ଆମର ପ୍ରକୃତ ସେବକ ନୁହଁନ୍ତି ଭକ୍ଷକ ଅଟନ୍ତି, ଏହା ସ୍ପଷ୍ଟ ଜଣାପଡୁଛି ।

**ପାଦ୍ରୀ :-** ବର୍ତ୍ତମାନ, ବୁଝିଗଲୁ ଆମ ମତ ଏଠାରେ ଆଉ ଚଳିବ ନାହିଁ ।

ଏପରି କହି ବିଦେଶୀ ମିଶନାରୀ ନିରାଶରେ ସେଠାରୁ ପଳାଇଗଲା । ସେହି ଗାଁଟି ସେମାନଙ୍କ ଷଡ଼ଯନ୍ତ୍ରର ଶିକାର ହୋଇପାରିଲା ନାହିଁ ।

ଏହି ସଂସାରରେ ଏକ ମାତ୍ର ଧର୍ମ ହିଁ ସୁହୃଦ୍ (ମିତ୍ର) ଯେ କି ମୃତ୍ୟୁ ପରେ ମଧ୍ୟ ସଙ୍ଗରେ ଯାଏ ଏବଂ ଅନ୍ୟ ସମସ୍ତ ପଦାର୍ଥ, ସାଙ୍ଗ-ସାଥୀ ଶରୀରର ନାଶ ସହ ନାଶପ୍ରାପ୍ତ ହୁଅନ୍ତି ଅର୍ଥାତ୍ ମୃତ୍ୟୁ ପରେ ଅନ୍ୟ ସମସ୍ତଙ୍କ ସଙ୍ଗ ଛାଡ଼ିଯାଏ କିନ୍ତୁ ଧର୍ମର ସଙ୍ଗ କେବେ ବି ତୁଟେ ନାହିଁ ।

# ବୈଦିକ ଧର୍ମର ମହତ୍ତ୍ୱ

ବୈଦିକ ଧର୍ମ ଅତୀବ ମହାନ୍ । ଏହା ସଂସାରର ସର୍ବ ପ୍ରାଚୀନ ଧର୍ମ । ସୃଷ୍ଟି ଆରମ୍ଭରୁ ଏହା ଧରାବକ୍ଷରେ ବିଦ୍ୟମାନ । ଇତିମଧ୍ୟରେ କେତେ ଯେ ମତ-ପନ୍ଥ-ସମ୍ପ୍ରଦାୟ ବୁଦ୍‌ବୁଦ ଭଳି ଉଦ୍ଭୁତ ହୋଇ ପୁନଃ କାଳଗର୍ଭରେ ଲୀନ ହୋଇ ଯାଇଛନ୍ତି । କିନ୍ତୁ ବୈଦିକ ଧର୍ମ ଅତୀତରେ ଥିଲା, ଆଜି ବି ଅଛି ଏବଂ ଯାବଚ୍ଚନ୍ଦ୍ରଦିବାକର ରହିବ ମଧ୍ୟ । କାରଣ ମତ-ପନ୍ଥଗୁଡ଼ିକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଥିବା ସ୍ଥଳେ ବୈଦିକ ଧର୍ମ ଈଶ୍ୱରଙ୍କ ଦ୍ୱାରା ସଂସ୍ଥାପିତ, ଈଶ୍ୱରୀୟ ଜ୍ଞାନ ବେଦର ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ । ଏଣୁ ଏହା ସନାତନ, ନିତ୍ୟ-ନୂତନ । ଏହାର ପ୍ରତ୍ୟେକ ସିଦ୍ଧାନ୍ତ ଯୁକ୍ତିସମ୍ମତ, ବୁଦ୍ଧିସଂଗତ, ତର୍କାଧାରିତ ଓ ବିଜ୍ଞାନସମ୍ମତ । ଲକ୍ଷ-ଲକ୍ଷ ଋଷିମୁନିଙ୍କ ତ୍ୟାଗ-ତପଃ-ଶ୍ରଦ୍ଧା-ମେଧା-ପ୍ରଜ୍ଞାରେ ବିଭୂଷିତ ଏହାର ଆଭା-ପ୍ରଭା-ବିଭା ମନୋମୁଗ୍ଧ କର । ଆସନ୍ତୁ ବୈଦିକ ଧର୍ମର ମହତ୍ତ୍ୱକୁ ଜାଣିବା, ତା'ର ଦିବ୍ୟ ଶାଶ୍ୱତ ସନ୍ଦେଶ ଶୁଣିବା, ଏହାର ଆଲୋକରେ ଆମ ଅନ୍ତରକୁ ଆଲୋକିତ କରିବା ।

ବୈଦିକ ଧର୍ମ ପ୍ରଦର୍ଶନାଭିମୁଖୀ ନୁହେଁ ଆତ୍ମୋନ୍ନତିର ଅଭିଳାଷୀ ହେବାକୁ ପ୍ରେରଣା ଦିଏ । ବୈଦିକ ଧର୍ମ ଅନୁସାରେ କୌଣସି ଚିହ୍ନବିଶେଷ ଅଥବା ବିଶେଷ ପରିଧାନ ଆଦି ଧାରଣ କରିବା ମାତ୍ରକେ କିମ୍ବା କୌଣସି ତଥାକଥିତ ଗୁରୁ, ବାବା, ଅବତାର, ପୈଗମ୍ବରଙ୍କ ଶରଣ ଗ୍ରହଣ କରିବା ମାତ୍ରେ କୌଣସି ବ୍ୟକ୍ତି ଧାର୍ମିକ ହୋଇଯାଏ ନାହିଁ । ଏହାର ସ୍ପଷ୍ଟ ମାନ୍ୟତା ଯେ କୌଣସି ବ୍ୟକ୍ତି ଯଦି ବାହ୍ୟ ଚିହ୍ନ ଆଦି ତ ଧାରଣ କରିନିଏ ବା ବାହ୍ୟ କର୍ମକାଣ୍ଡ କିଛି କରିଦିଏ ; କିନ୍ତୁ ବ୍ୟବହାରରେ ଅନାଚାରୀ-ଭ୍ରଷ୍ଟାଚାରୀ, ରାଷ୍ଟ୍ରଦ୍ରୋହୀ, ମାନବୀୟ ଗୁଣରୁ ରହିତ ତଥା ମାନବତାର ହତ୍ୟାକାରୀ ତେବେ ତାକୁ ଧାର୍ମିକ ବୋଲି କୁହାଯାଇପାରିବ ନାହିଁ । ଏହା ଧର୍ମକୁ ବ୍ୟବାହାରିକତା ସହ, ବ୍ୟକ୍ତିର ଚରିତ୍ର ସଙ୍ଗେ ଯୋଡ଼େ ଏବଂ କହେ ଯେ ଯାହା ଦ୍ୱାରା ବ୍ୟକ୍ତିର ଇହଲୋକର ଉନ୍ନତି ସହ ପରଲୋକର କଲ୍ୟାଣ ବି ହୁଏ, ତାହା ଧର୍ମ । ଏହା ବ୍ୟକ୍ତିକୁ ଧର୍ମର ମନୁପ୍ରୋକ୍ତ ଦଶ ନିୟମର ଆଚରଣ କରି ଧାର୍ମିକ ହେବାର ପ୍ରେରଣା ଦିଏ । ଯେଉଁବ୍ୟକ୍ତି ଧୈର୍ଯ୍ୟବାନ୍, କ୍ଷମାଶୀଳ, ମାନସିକସ୍ଥିରତା ସଂପନ୍ନ, ଚୋରୀ-ଉତ୍କୋଚ-କଳାବଜାରୀ ଆଦି ଦୁଷ୍କର୍ମରୁ ରହିତ, ବାହ୍ୟ ଓ ଆନ୍ତରିକ ରୂପେ ପବିତ୍ର, ଇନ୍ଦ୍ରିୟସଂଯମୀ, ବୁଦ୍ଧିପୂର୍ବକ ଆଚରଣକାରୀ ବିଦ୍ୟାବୃଦ୍ଧିରେ ସଂଲଗ୍ନ, କ୍ରୋଧ ରହିତ ଓ ସତ୍ୟାଚରଣକାରୀ ବୈଦିକ ଧର୍ମ ଅନୁସାରେ ସେ ହିଁ ଯଥାର୍ଥରେ ଧାର୍ମିକ ।

ବୈଦିକ ଧର୍ମ ବ୍ୟକ୍ତିକୁ ପୁରୁଷାର୍ଥ କରିବାର ପ୍ରେରଣା ଦିଏ । ଭାଗ୍ୟ ଉପରେ ଭରସା କରି ବସି ରହିବାକୁ ପରାମର୍ଶ ଦିଏ ନାହିଁ । ପରମାତ୍ମା ବାସ୍ତବରେ ତାହାକୁ ସାହାଯତା କରନ୍ତି ଯିଏ ସ୍ୱୟଂ ନିଜର ସାହାଯତା କରେ । ବୈଦିକ ଧର୍ମର ସିଦ୍ଧାନ୍ତ ହେଲା ଯେ ଜୀବ କର୍ମ କରିବାରେ ସ୍ୱତନ୍ତ୍ର ; କିନ୍ତୁ ଫଳ ଭୋଗିବାରେ ପରତନ୍ତ୍ର, ପରମାତ୍ମାଙ୍କ ବ୍ୟବସ୍ଥାଧୀନ । ଏହା ଆମକୁ ଚେତାଇ ଦିଏ ଯେ ଅଶୁଭ କର୍ମର ଫଳରୁ ରକ୍ଷା ପାଇବା କସ୍ମିନ୍ କାଳେ ସମ୍ଭବ ନୁହେଁ । ଯେହେତୁ ପରମାତ୍ମା ନ୍ୟାୟକାରୀ- ତେଣୁ କାହା ପାଇଁ କୌଣସି ପରିସ୍ଥିତିରେ ବି ରିହାତିରେ ବ୍ୟବସ୍ଥା ତାଙ୍କ ବିଧାନରେ ନାହିଁ । ସେ ସେପରି ଫଳ ଅବଶ୍ୟ ପ୍ରଦାନ କରନ୍ତି ଯେପରି କର୍ମ ଆମେ କରିଥାଉ । ଅଶୁଭ କର୍ମର ଅନ୍ୟନାମ ହିଁ ପାପ । ଅତୀବ ଆଶ୍ଚର୍ଯ୍ୟର କଥା ଯେ ଏଣେ ବ୍ୟକ୍ତି ପାପ କର୍ମରୁ ବିରତ ହେବାର ନାଁ ତ ଧରେ ନାହିଁ, ଅନ୍ୟ ପକ୍ଷରେ ତା'ର ଦୁଃଖରୂପକ ଫଳରୁ ରକ୍ଷା ପାଇବା ପାଇଁ ସେ କେବେ କୌଣସି ନଇ-ପୋଖରୀରେ ବୁଡ଼ମାରୁଥାଏ ତ କେବେ ଦିନେ-ଦୁଇଦିନ ଚି ପାଞ୍ଚ-ଦଶ-ପନ୍ଦରଦିନ ଭୋକ-ଶୋଷରେ ମରୁଥାଏ ତ ଆଉ କେବେ କୌଣସି ଗୁରୁ, ବାବା, ମାତା, ଦେବ, ଦେବୀ, ପୀର, ଫକୀର, ପୈଗମ୍ବରଙ୍କ ଗୋଡ଼ତଳେ ଗଡୁଥାଏ । ବାସ୍ତବରେ ଏପରି ରକ୍ଷା ପାଇବାର ଭାବନା ହିଁ ଆଜି ଅନେକ ପ୍ରକାର ମତ-ପନ୍ଥ-ସଂପ୍ରଦାୟକୁ ଜନ୍ମ ଦେଇଛି । ଏଭଳି ଧର୍ମଧ୍ୱଜୀ ଲୋକଙ୍କୁ ପ୍ରବଞ୍ଚିତ କରିବା ପାଇଁ ହିଁ ନୀତି ନୂଆ ମତ-ସଂପ୍ରଦାୟ ଆଦି ଛତୁଫୁଟିଲା ଭଳି ସୃଷ୍ଟି ହୋଇ ଚାଲିଛନ୍ତି ଏବଂ ଦୁନିଆ ପ୍ରତ୍ୟହ ଅଧିକରୁ ଅଧିକ ଭାବେ ଅନାଚାର ଆଡ଼କୁ ଅଗ୍ରସର ହୋଇ ଚାଲିଛି । ସାର୍ବଭୌମ ବୈଦିକ ଧର୍ମକୁ ସ୍ୱାର୍ଥାନ୍ଧ ଲୋକେ ସ୍ୱ-ସ୍ୱ ସ୍ୱାର୍ଥସିଦ୍ଧି ପାଇଁ ସଂକୀର୍ଣ୍ଣ, ପାଖଣ୍ଡ ଓ ଆଡ଼ମ୍ବରପୂର୍ଣ୍ଣ ମତ-ପନ୍ଥ ରୂପରେ ସମାଜରେ ଉପସ୍ଥାପିତ କରି ଦେଇଛନ୍ତି । ଏଣୁ ଯେଉଁ ଧର୍ମକୁ ବ୍ୟକ୍ତିର ସୁଖ-ଶାନ୍ତି-ଆନନ୍ଦର ମୂଳାଧାର ବୋଲି କୁହାଯାଇଛି, ତାହା ମତ-ପନ୍ଥ-ସଂପ୍ରଦାୟ ଆଦିରୂପରେ ବିକୃତ ହୋଇ ଆଜି ଦୁଃଖ, କ୍ଲେଶ, ଶତ୍ରୁତା, ବୈମନସ୍ୟ, ସଂଘର୍ଷ ଓ ଆତଙ୍କବାଦର କାରଣ ହୋଇଯାଇଛି । ଧର୍ମର ଯଥାର୍ଥ ସ୍ୱରୂପ ତ ଆଜି ବି ପରିବାର, ସମାଜ, ରାଷ୍ଟ୍ର ତଥା ସମଗ୍ର ବିଶ୍ୱର ସୁଖ-ଶାନ୍ତିର ଆଧାର, କିନ୍ତୁ ଆବଶ୍ୟକତା ହେଲେ ତାକୁ ମତ-ପନ୍ଥ-ସଂପ୍ରଦାୟ, ପାଖଣ୍ଡ, ଆଡମ୍ବରର କାରାଗାରରୁ ମୁକ୍ତ କରି ତା'ର ସତ୍ୟ-ଶିବ-ସୁନ୍ଦର, ସ୍ୱରୂପକୁ ସମାଜରେ ପୁନଃ ସ୍ଥାପିତ କରିବା ।

# ମାନବିକତାର ନୀତି ଦଶକ

## (ଆର୍ଯ୍ୟସମାଜର ଦଶ ନିୟମ)

୧- ସବୁ ସତ୍ୟ ବିଦ୍ୟା ଓ ପଦାର୍ଥ ବିଦ୍ୟାଦ୍ୱାରା ଯାହା ସବୁ ଜଣାଯାଏ, ସେ ସବୁର ଆଦିକାରଣ ପରମେଶ୍ୱର ଅଟନ୍ତି ।

୨- ଈଶ୍ୱର ସଚ୍ଚିଦାନନ୍ଦ ସ୍ୱରୂପ , ନିରାକାର , ସର୍ବଶକ୍ତିମାନ, ନ୍ୟାୟକାରୀ, ଦୟାଳୁ, ଅଜନ୍ମ , ଅନନ୍ତ, ନିର୍ବିକାର, ଅନାଦି, ଅନୁପମ, ସର୍ବାଧାର, ସର୍ବେଶ୍ୱର, ସର୍ବବ୍ୟାପକ, ସର୍ବାନ୍ତର୍ଯ୍ୟାମୀ, ଅଜର, ଅମର, ଅଭୟ, ନିତ୍ୟ, ପବିତ୍ର ଓ ସୃଷ୍ଟିକର୍ତ୍ତା ଅଟନ୍ତି । ତାଙ୍କୁ ହିଁ ଉପାସନା କରିବା ଉଚିତ ।

୩- ବେଦ ହେଉଛି ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ । ବେଦକୁ ପଢ଼ିବା ଓ ପଢ଼ାଇବା ଓ ଶୁଣିବା ଶୁଣାଇବା ପ୍ରତ୍ୟେକ ଆର୍ଯ୍ୟଙ୍କର ପରମ ଧର୍ମ ।

୪- ସତ୍ୟକୁ ଗ୍ରହଣ କରିବା ଓ ଅସତ୍ୟକୁ ତ୍ୟାଗ କରିବା ପାଇଁ ସର୍ବଦା ଉଦ୍ୟମଶୀଳ ହେବା ଏକାନ୍ତ ଆବଶ୍ୟକ ।

୫- ସମସ୍ତ କାର୍ଯ୍ୟକୁ ଧର୍ମାନୁସାରେ ଅର୍ଥାତ୍ ସତ୍ୟ ଓ ସତ୍ୟକୁ ବିଗ୍ଚର କରି କରିବା ଉଚିତ ।

୬- ସଂସାରର ଉପକାର କରିବା ଅର୍ଥାତ୍ ଶାରୀରିକ, ଆତ୍ମିକ ଓ ସାମାଜିକ ଉନ୍ନତି ସାଧନା କରିବା ହେଉଛି ଆର୍ଯ୍ୟସମାଜର ମୁଖ୍ୟ ଲକ୍ଷ୍ୟ ।

୭- ସମସ୍ତଙ୍କ ସହିତ ପ୍ରୀତିପୂର୍ବକ ଧର୍ମାନୁସାରେ ଯଥାଯୋଗ୍ୟ ବ୍ୟବହାର ପ୍ରଦର୍ଶନ କରିବା ଉଚିତ ।

୮- ଅବିଦ୍ୟାର ବିନାଶ ଓ ବିଦ୍ୟାର ସଂବୃଦ୍ଧି ପାଇଁ ପ୍ରଯତ୍ନଶୀଳ ହେବା ଆବଶ୍ୟକ ।

୯- ପ୍ରତ୍ୟେକ ବ୍ୟକ୍ତି ନିଜର ଉନ୍ନତିରେ ସନ୍ତୁଷ୍ଟ ନ ରହି ପ୍ରତ୍ୟେକଙ୍କର ଉନ୍ନିତିରେ ନିଜର ଉନ୍ନତି ବୋଲି ବିବେଚନା କରିବା ଆବଶ୍ୟକ ।

୧୦- ସମସ୍ତ ସାମାଜିକ ସର୍ବହିତକାରୀ ନିୟମ ପାଳନରେ ପରତନ୍ତ୍ର ରହି, ପ୍ରତ୍ୟେକ ହିତକାରୀ ନିୟମ ପାଳନରେ ସ୍ୱତନ୍ତ୍ର ରହିବେ ।

# ଉତ୍କଳ ସାହିତ୍ୟ ସଂସ୍ଥାନ ଦ୍ୱାରା ପ୍ରକାଶିତ କେତେକ ମହତ୍ୱପୂର୍ଣ୍ଣ ସାହିତ୍ୟ ।

୧-ସତ୍ୟାର୍ଥ ପ୍ରକାଶ (ପୂର୍ବାର୍ଦ୍ଧ, ଉତ୍ତରାର୍ଦ୍ଧ)-୧୨୦.୦୦

୨-ଋଗ୍‌ବେଦାଦି ଭାଷ୍ୟଭୂମିକା- ୧୦୦.୦୦

୩-ସଂସ୍କାର ବିଧି - ୩୦.୦୦

୪-ଭ୍ରାତୃ ଭକ୍ତି - ୩୦.୦୦

୫-ଆର୍ଯ୍ୟାଭିବିନୟ - ୫.୦୦

୬-ଆଧ୍ୟାତ୍ମ ସରୋବର - ୨୦.୦୦

୭-ମହର୍ଷି ଦୟାନନ୍ଦଙ୍କର ସଂକ୍ଷିପ୍ତ ଜୀବନ ଚରିତ୍ର - ୧୦.୦୦

୮-ସୁଖୀ ଗୃହସ୍ଥ - ୧୦.୦୦

୯-ଯୋଗାସନ ପ୍ରାଣାୟାମ - ୧୫.୦୦

୧୦-ସରଳ ଚିକିତ୍ସା ପଦ୍ଧତି - ୧୦.୦୦

୧୧-ଆଧ୍ୟାତ୍ମିକ ଗଳ୍ପମାଳା - ୨୫.୦୦

୧୨- ସ୍ୱାସ୍ଥ୍ୟରମହାନ୍‌ଶତ୍ରୁ ଅଣ୍ଡା- ୫.୦୦

୧୩- ଆଧ୍ୟାତ୍ମିକ ସନ୍ଦେଶ - ୩୫.୦୦

୧୪- ବ୍ୟବହାର ଭାନୁ - ୧୦.୦୦

୧୫-ମାଂସ କଣ ମନୁଷ୍ୟର ଭୋଜନ- ୬.୦୦

୧୬-ବ୍ରହ୍ମଚର୍ଯ୍ୟ ହିଁ ଜୀବନ - ୧୫.୦୦